ନିତିଦିନ NITIDIN

07th March, 2020

# କରୋନା ସମ୍ପର୍କିତ ସଚେତନତା ଶିବିର

**ଜଟଣୀ,୬।୩/ଏନ୍ଏନ୍ଏସ୍:** ଏବେ ଆତଙ୍କ ଖେଳାଇଥିବା କରୋନା ରୋଗ ସମ୍ପର୍କିତ ଏକ ସଚେତନତା ଶିବିର ଆଇଆଇଟି ଭୁବନେଶ୍ୱର, ଅରଗୁଳ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି । ଆଇଆଇଟି ପ୍ରଫେସର ଆର୍ଭି ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଏମ୍ସ୍ର ମାଇକ୍ରୋବାୟୋଲୋଜି ବିଭାଗ ଏଚଓଡି ପ୍ରଫେସର ଡ. ବୈଜନ୍ତୀବାଲା ମିଶ୍ର ଯୋଗଦେଇ କରୋନା ରୋଗର କାରଣ ଓ ଏହାର ପ୍ରତିଷେଧକ ଉପରେ ବିଭିନ୍ନ ମତ ପ୍ରକାଶ କରିଥିଲେ । ସୋସିଆଲ ମିଡିଆରେ ଆସୁଥିବା କରୋନା ଭାଇରସ୍ ସମ୍ପର୍କିତ ଭ୍ରମ ଗୁଜବ ପ୍ରତି ଛାତ୍ରଛାତ୍ରୀମାନେ କର୍ଣ୍ଣପାତ ନକରିବାକୁ ସୂଚାଇଥିଲେ । କରୋନା ଭାଇରସର ଦିଗ, ସଂକ୍ରମଣ, କାରଣ ଓ ଏହାର ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ କରୋନା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ଶ୍ରୀମତୀ ମିଶ୍ରଙ୍କୁ ପଚାରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଆଇଟି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର ସୁଜିତ କୁମାର ରାୟ, ପ୍ରଫେସର ଡ. ଭିଆର୍ ପେଡିରେଡି,



ପ୍ରଫେସର ସରୋଜ କୁମାର ନାୟକ, ଡ. ସ୍ୱରୂପ କୁମାର ମହାପାତ୍ର, ଆଇଆଇଟି କୁଳସଚିବ ସୁବୋଧ କୁମାର ଏବଂ ଯୁଗ୍ମ କୁଳସଚିବ ଦେବରାଜ ରଥ ପ୍ରମୁଖ ଯୋଗ ଦେଇଥିଲେ ।